**ଭାଜପାରେ ମିଶିଲେ ବିଜେଡ଼ିର ନେତା ଓ କର୍ମୀ**

ତେନ୍ତୁଳିଖୁଣ୍ଟି/ନନ୍ଦାହାଣ୍ଡି, (ଡି.ଏନ୍.ଏ.)- ବିଜେଡିର ୨୧ଜଣ ସକ୍ରିୟ କର୍ମୀ ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବତନ ଦହଣା ସରପଞ୍ଚ ସଞ୍ଜୁକ୍ତା ଗାଦବା, ପୂର୍ବତନ ନନ୍ଦାହାଣ୍ଡି ସରପଞ୍ଚ ଅମୀ ଦିସାରୀ, ନନ୍ଦାହାଣ୍ଡି ପଞ୍ଚାୟତ ବିଜେଡିର ପୂର୍ବତନ ସଭାପତି ଅରୁଣ ଷଡ଼ଙ୍ଗୀ, ନନ୍ଦାହାଣ୍ଡିର ପୂର୍ବତନ ସମିତି ସଭ୍ୟ ଅନନ୍ତ ବିଷୋୟୀ, ଡଙ୍ଗରଭେଜା ପଡାଲଗୁଡାର ଲିଙ୍ଗରାଜ ବିଶୋୟୀଙ୍କ ଭଳି ଜଣାଶୁଣା ନେତା ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ମହିଳା ନେତ୍ରୀ ମଣିକ ଦାସ, ଚଞ୍ଚଳା ସାରବୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୂର୍ବ ଭଳି ଚାଲୁ ୨ ଏକ୍ସପ୍ରେସ ଟ୍ରେନ୍

ରାୟଗଡ଼ା ଅଫିସ,୧୧।୨- ଜୁନାଗଡ଼-ଭୁବନେଶ୍ୱର ଏକ୍ସପ୍ରେସ ଏବଂ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ପୂର୍ବ ନିର୍ଦ୍ଧାରିତ ରୁଟ୍‌ରେ ଚଳାଚଳ ନିମନ୍ତେ ରାୟଗଡ଼ା ଯୁବ ବିକାଶ ପରିଷଦ ଦାବି କରିଛି। ଗୁରୁବାର ରାୟଗଡ଼ା ଷ୍ଟେଶନ ମ୍ୟାନେଜରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପରିଷଦ ସଭାପତି ଶିବାଜୀ ଦାଶ, ସମ୍ପାଦକ କୃଷ୍ଣପ୍ରସାଦ ମିଶ୍ର, ନଗର ସଭାପତି ଗୋପିନାଥ ଗୌଡ଼, ଗଜେନ୍ଦ୍ର ପଣ୍ଡା, ଗଣେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏବେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେଉଛି। ରାୟଗଡ଼ା ଜିଲାବାସୀ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ ଆନ୍ଧ୍ର ଏବଂ ବ୍ରହ୍ମପୁର ଉପରେ ନିର୍ଭର କରୁଛନ୍ତି। ତେଣୁ ଏହି ଦୁଇ ଟ୍ରେନ୍ ପୂର୍ବଭଳି ଚାଲୁ ବୋଲି ଦାବି ହୋଇଛି। ୨୦ ସୁଦ୍ଧା ଦାବି ପୂରଣ ନ ହେଲେ ୨୬ରେ ଜିଲାରେ ୧୨ଘଣ୍ଟିଆ ରେଲରୋକୋ କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଜନଜାତିଙ୍କ ସମସ୍ୟା ସମାଧାନ ନେଇ ପ୍ରୟାସ କରାଯିବ

ରାୟଗଡ଼ା ଅଫିସ,୧୧।୨-ରାୟଗଡ଼ା ଜିଲାର ଭାଜପା ନେତା କାଳୀରାମ ମାଝି ନିକଟରେ ସର୍ବଭାରତୀୟ ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସାଙ୍ଗଠନିକ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ଅନୁମୋଦନକ୍ରମେ ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ସଭା ସଦସ୍ୟ ସମୀର ଓରାମ ମାଝିଙ୍କୁ ମନୋନୀତ କରିଥିଲେ। ଏଥିପାଇଁ ରାୟଗଡ଼ା ଜିଲା ଭାଜପା ପକ୍ଷରୁ ଜିଲା ସଭାପତି ଶିବ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ଉପସଭାପତି କିଶୋର ପଣ୍ଡା ପ୍ରମୁଖ ମାଝିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ନଗର ଭାଜପାର ସାଧାରଣ ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, ଅଜୟ ବୁଲେଟ, ଜନଜାତି ମୋର୍ଚ୍ଚାର ନଗର ସଭାପତି ସନ୍ତୋଷ ହିକ୍କା, ମହିଳା ମୋର୍ଚ୍ଚା ସଭାନେତ୍ରୀ ବି. ଲକ୍ଷ୍ମୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ମାଝି ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣକାରୀ ଯୋଜନା ସେମାନଙ୍କ ନିକଟରେ ପହଞ୍ଚାଇବା ଓ ଅନ୍ୟ ସମସ୍ୟା ସମାଧାନ ଦିଗରେ ପ୍ରୟାସ କରିବେ ବୋଲି କହିଥିଲେ।

### ସିପିଆଇଏମ୍‌ଏଲ୍‌ର ଦାବିପତ୍ର

ଗୁଣପୁର,୧୧।୨(ଡି.ଏନ୍.ଏ.)-ପାଣିଡଙ୍ଗର ପ୍ରକଳ୍ପ ସମେତ ୧୦ ଦଫା ଦାବି ନେଇ ସିପିଆଇଏମ୍‌ଏଲ୍ ପକ୍ଷରୁ ସହକାରୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ବସ୍‌ଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାୟଗଡ଼ା ଜିଲା ଗୁଡାରୀ ପାଣିଡଙ୍ଗରଠାରେ ଜଳ ପ୍ରକଳ୍ପ ନିର୍ମାଣ, କୃଷି ଆଇନ ପ୍ରତ୍ୟାହାର, କୃଷକଙ୍କୁ ପେନ୍‌ସନ, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଧାନ କୁଇଣ୍ଟାଲ ପିଛା ୩ହଜାର ଏବଂ କପା ୮ହଜାର ଟଙ୍କା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଅବସରରେ ସିପିଆଇଏମ୍‌ଏଲ୍‌ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ବୃନ୍ଦାବନ ବିଡିକା, ସମ୍ବରା ଶବର, ରାମଚନ୍ଦ୍ର ପ୍ରାସ୍କା, ଦାମୋଦର ଶବର, ଅନାସିମ ଶବର, ଜେମା ଶବର, କରୁଣାକର ଲିମା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଗତିରୁ ଦୂରରେ ଟାଙ୍ଗନିକୋଟ, ବାଗ୍ରା ଗାଁ

ତେନ୍ତୁଳିଖୁଣ୍ଟି, ୧୧।୨(ଡି.ଏନ୍.ଏ.)


ଟାଙ୍ଗନିକୋଟ ଓ ବାଗ୍ରା ଗାଁକୁ ସଂଯୋଗ କରୁଥିବା ରାସ୍ତା ।

- ଆଜି ଯାଏ ମିଳିପାରିନି ବିସ୍ଥାପିତ ପ୍ୟାକେଜ
- ପକ୍କାରାସ୍ତା ନ ଥିବାରୁ ସ୍କୁଲକୁ ଆସିପାରୁ ନାହାନ୍ତି ଶିକ୍ଷକ
- ସପ୍ତାହରେ ୪ ଦିନ ହେଉଛି ପାଠପଢ଼ା

ଜଙ୍ଗଲ ଓ କପୁର ନଦୀ ଭରସାରେ ଗାଁ ବସାଇଥିଲେ। ପ୍ରକୃତି ଉପରେ ନିର୍ଭରକରି ଦିନ କାଟୁଥିଲେ ଟାଙ୍ଗନିକୋଟ, ବାଗ୍ରା ଗ୍ରାମବାସୀ। ଏହା ମଧ୍ୟରେ ୧୯୭୯ରେ ଆସିଲା ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ। କପୁର ପୋଡ଼ାଗଡ଼ ଓ ମୁରାନ ନଦୀରେ ବନ୍ଧ ବାନ୍ଧି ରୋକିଦିଆଗଲା ନଦୀ ପାଣି। କଳାହାଣ୍ଡିର ଜଳବନ୍ଦୀ ଅଞ୍ଚଳରେ ମିଳିଲା ବିଦ୍ୟୁତ୍ ସେବା। ଏଠାରେ ମଧ୍ୟ ବିଦ୍ୟୁତ୍ ସେବା ସହ ଅନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଦୁଇ ଗ୍ରାମର ଅଧିବାସୀ ଦେଖିବା ଆରମ୍ଭ କଲେ ବିକାଶର ସ୍ୱପ୍ନ। ମାତ୍ର ତାହା ଆଜି ଯାଏ ପୂରା ହୋଇପାରିଲା ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ସଡ଼କ, କର୍ମନିଯୁକ୍ତି ସବୁଥିରେ ଏମାନେ ପଛେଇ ରହିଗଲେ। ଛନ୍ଦକପଟ ଜାଣି ନ ଥିବା ଏହି ବନବାସୀମାନେ ପ୍ରଗତିର ମୁଖ୍ୟ ସ୍ରୋତରୁ ବହୁ ଦୂରରେ। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତର ବାଗ୍ରା, ଟାଙ୍ଗନିକୋଟ ରାଜସ୍ୱ ଗ୍ରାମ। ଏଠାରେ ପ୍ରାୟ ୬୦ ପରିବାର ବସବାସ କରନ୍ତି। ତଥାପି ମଧ୍ୟ ଏହି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ। କଳାହାଣ୍ଡିର ଜଳବନ୍ଦୀ ଅଞ୍ଚଳରେ ବିଦ୍ୟୁତ୍‌କରଣ ହେଲା। ଅଥଚ ଏଠାରେ ବିଦ୍ୟୁତ୍ ସେବା ମିଳିପାରିଲା ନାହିଁ। ଗୁରୁମାଇଗୁଡ଼ା, ତଲଙ୍ଗ ଗ୍ରାମବାସୀଙ୍କୁ ବିସ୍ଥାପିତ ପ୍ୟାକେଜ ମିଳିଲା। କିନ୍ତୁ ଟାଙ୍ଗନିକୋଟ ଓ ବାଗ୍ରାବାସୀଙ୍କୁ ସେସବୁ ମିଳିଲା ନାହିଁ। ୨୦୦୧ରେ ପୁନର୍ବାସ ଥଇଥାନ ପରାମର୍ଶଦାତା କମିଟିରେ ନିଷ୍ପତ୍ତି ପ୍ରକାରେ ସେମାନଙ୍କୁ ବିସ୍ଥାପିତ ପ୍ୟାକେଜ ଦିଆଯିବା ନେଇ ଚର୍ଚ୍ଚା ହୋଇଥିଲା। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କେବଳ ଚର୍ଚ୍ଚାରେ ହିଁ ରହିଗଲା। ଗାଁକୁ ପକ୍କାରାସ୍ତା ନାହିଁ। ପଥର ଜଙ୍ଗଲିଆ ରାସ୍ତାରେ କିଛି କିଲୋମିଟର ଯିବା ପରେ ଡଙ୍ଗାରେ ଜଳଭଣ୍ଡାର ପାରହୋଇ ନିକଟବର୍ତ୍ତୀ ଘାଟକୁ ଯାଇ ସେଠାରୁ ବଜାର ଓ ପଞ୍ଚାୟତକୁ ଯିବାକୁ ପଡ଼େ। ରାଶନ ସାମଗ୍ରୀ , ଜିନିଷପତ୍ର ଆଦି ଆଣିବାରେ ଅନେକ ସମସ୍ୟା ହେଉଛି। ଶିକ୍ଷା ବ୍ୟବସ୍ଥା ପାଇଁ ଏଠାରେ ସ୍କୁଲ ରହିଛି। କିନ୍ତୁ ଖରାପ ରାସ୍ତା ଓ ଜଳଭଣ୍ଡାର ପାରହୋଇ ଶିକ୍ଷକ ସବୁବେଳେ ଆସିବା ସମ୍ଭବ ହେଉନାହିଁ। ଏଣୁ ସପ୍ତାହରେ ୪ଦିନ ହିଁ ଏଠାରେ ପାଠପଢ଼ା ହୁଏ। ଜଙ୍ଗଲ ଅବକ୍ଷୟ ହେଉଥିବାରୁ ଏମାନଙ୍କ ଜୀବନ ଜୀବିକା ମଧ୍ୟ କମିବାରେ ଲାଗିଛି। ଏବେ କେନ୍ଦୁଗୁଡ଼ାରେ ବ୍ରିଜ୍ ନିର୍ମାଣ ହେବ। ୧୫୦କୋଟି ଟଙ୍କା ଖର୍ଚ୍ଚକରି ରାୟଗଡ଼ା ପର୍ଯ୍ୟନ୍ତ ରାସ୍ତା ବାହାରିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ସେମାନଙ୍କ ସମସ୍ୟା କେତେକାଂଶରେ କମିଯିବ ବୋଲି ବାଗ୍ରା, ଟାଙ୍ଗନିକୋଟ ଗ୍ରାମବାସୀ ଆଶା ରଖିଛନ୍ତି।

# ସ୍ୱାଭିମାନୀ, ସ୍ୱାବଲମ୍ବୀ ଭିନ୍ନକ୍ଷମ ଲକ୍ଷ୍ମୀ

ଉମରକୋଟ, ୧୧।୨(ସ୍ୱ.ପ୍ର.)

**ଇଟା ଗଢ଼ି ପରିବାର ଚଳାଉଛନ୍ତି ଦୃଷ୍ଟିହୀନ**



ପେଟର ଭୋକ ଆଗରେ ସବୁ କିଛି ହାର୍ ମାନେ। ଜଣେ ସାଧାରଣ ଲୋକ ହୁଅନ୍ତୁ କି ଭିନ୍ନକ୍ଷମ, ଯେତେବେଳେ ବଞ୍ଚିବା ପାଇଁ ସଂଘର୍ଷର କଥା ପଡ଼େ ସେତେବେଳେ ଜୀବନକୁ ବାଜି ଲଗାଇ କାମ କରିବାକୁ ବାଧ୍ୟହୁଏ ମଣିଷ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ, ଅଧିକାରୀଗଡ଼ା ଗ୍ରାମର ଏକ ଇଟାଭାଟିରେ। ଏଠାରେ କାମ କରୁଛନ୍ତି ଜଣେ ଦୃଷ୍ଟିହୀନ, ନାଁ ତାଙ୍କର ଲକ୍ଷ୍ମୀବାଈ ଚନ୍ଦ୍ରକାରା। ଆଖିକୁ ଦିଶୁ ନ ଥିଲେ ମଧ୍ୟ ପରିବାର ଚଳାଇବାକୁ ସେ ଏଠାରେ କାମ କରୁଛନ୍ତି ।

ଉମରକୋଟ ବ୍ଲକ୍ ଅଧିକାରୀଗୁଡ଼ା ଗ୍ରାମର ଲକ୍ଷ୍ମୀବାଈ ଚନ୍ଦ୍ରକାରା। କିଛି ବର୍ଷ ପୂର୍ବରୁ ତାଙ୍କ ଦୁଇ ପୁଅଙ୍କର କୌଣସି ରୋଗରେ ମୃତ୍ୟୁ ହୋଇଗଲା। ସ୍ୱାମୀ ସୁବାସ, ଜଣେ ନାତି ଓ ଦୁଇ ନାତୁଣୀଙ୍କୁ ନେଇ ଲକ୍ଷ୍ମୀଙ୍କ ପରିବାର। ପରବର୍ତ୍ତୀ ସମୟରେ ଲକ୍ଷ୍ମୀ ଅଚାନକ ଦୃଷ୍ଟିଶକ୍ତି ହରାଇ ବସିଲେ। ନିଜ ସାମର୍ଥ୍ୟ ଅନୁସାରେ ଲକ୍ଷ୍ମୀଙ୍କ ସ୍ୱାମୀ ତାଙ୍କ ଚିକିତ୍ସା କରାଇଲେ। କିନ୍ତୁ ଆଉ ଭଲ ହେବନାହିଁ କହି ଡାକ୍ତର ଲକ୍ଷ୍ମୀଙ୍କୁ ଫେରାଇଦେଲେ। କେବଳ ସ୍ୱାମୀଙ୍କ ରୋଜଗାରରେ ପରିବାର ଚଳାଇବା କଷ୍ଟ ହେବାରୁ ଲକ୍ଷ୍ମୀ ମଧ୍ୟ କାମ କରିବାକୁ ଆଗେଇ ଆସିଲେ। ସମୟଚକ୍ର ଆଗରେ ହାର୍ ନ ମାନି ବଞ୍ଚିବାର ରାସ୍ତା ବାଛିନେଲେ। କାହା ଆଗରେ ହାତପାତି ବଞ୍ଚିବାକୁ ସେ ନାପସନ୍ଦ କରି ଇଟାଭାଟିରେ କାମ କରିବାକୁ ମନସ୍ଥ କରିଥିଲେ। ଅଣ୍ଡାଳି ଅଣ୍ଡାଳି ଅତି ସୁନ୍ଦର ଭାବରେ ଗୋଟିଏ ପରେ ଗୋଟିଏ ଇଟା ଗଢ଼ି ଚାଲନ୍ତି ଲକ୍ଷ୍ମୀ। ହଜାରେ ଇଟା ଗଢ଼ିଲେ ମିଳେ ୭୫୦ ଟଙ୍କା। ସ୍ୱାମୀ ମଧ୍ୟ ଏହି ଇଟାଭାଟିରେ କାମ କରନ୍ତି। ଉଭୟଙ୍କୁ ମିଳୁଥିବା ପାରିଶ୍ରମିକରେ ସେମାନଙ୍କ ଘର ଚଳେ। ଗାଁ ଭିତରକୁ ଘର ହୋଇଥିବାରୁ ଇଟାଭାଟି ନିକଟ ଏକ ଅସ୍ଥାୟୀ କୁଡ଼ିଆରେ ସପରିବାର ସ୍ୱାଭିମାନର ସହ ରୁହନ୍ତି ଲକ୍ଷ୍ମୀ।

# ଚାଷୀଙ୍କ ସମସ୍ୟା ପ୍ରସଙ୍ଗ ବିଧାନସଭାରେ ଉଠିବ

ନବରଙ୍ଗପୁର,୧୧।୨(ବି.ପ୍ର.)

**ଭାଜପାର ଖବରଦାତା ସମ୍ମିଳନୀ**

ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଓ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ନବରଙ୍ଗପୁର ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରସଙ୍ଗକୁ ନେଇ ସୌରାସାହିସ୍ଥିତ କଲ୍ୟାଣ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଜିଲାରେ ଥିବା ମଣ୍ଡି ସମସ୍ୟା ଓ ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ଚାଷୀଙ୍କ ସମସ୍ୟା ବିଧାନସଭାରେ ଉଠିବ ବୋଲି ଭାଜପା ନେତାମାନେ କହିଛନ୍ତି। ରାଜ୍ୟ ସରକାର ପ୍ରତି ବ୍ଲକରେ ୩୫ପ୍ରତିଶତ ଜମିକୁ ଜଳସେଚନର ଲକ୍ଷ୍ୟ ରଖିଥିବା ବେଳେ ନବରଙ୍ଗପୁରରେ ମାତ୍ର ୨୮ ପ୍ରତିଶତ ଜମି ଜଳସେଚିତ ହୋଇଥିବା ଖବରଦାତା ସମ୍ମିଳନୀରେ କହିଛନ୍ତି। ଜିଲାରେ କଟ୍‌ନୀ ଛଟ୍‌ନୀ ବାବଦରେ କଟାଯାଇଥିବା ଧାନର ମୂଲ୍ୟ ୫କୋଟି ଟଙ୍କା ହେବ। ଏହି ଟଙ୍କା କାହା ପକେଟକୁ ଯାଇଛି ତାହା ତଦନ୍ତ ହେବା ଉଚିତ ବୋଲି ଭାଜପା ନେତାମାନେ ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ପଡ଼ୋଶୀ ଲକ୍‌ଡାଉନରେ କେନ୍ଦ୍ର ସରକାର ୮ମାସର ମାଗଣା ରାଶନ ସାମଗ୍ରୀ ଦେଇଥିଲେ। କିନ୍ତୁ ଏଠାରେ ହିତାଧିକାରୀଙ୍କୁ ମାତ୍ର ଦୁଇ ତିନି ମାସର ସାମଗ୍ରୀ ମିଳିଛି। ଗତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଜଳସେଚନ ପାଇଁ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରିବା ଉଚିତ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମତ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସମ୍ପାଦକ କାଳିନ୍ଦୀ ସାମଲ, ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲା ସଭାପତି ଜଗଦୀଶ ବିଶୋଇ, ଗୌରୀ ମାଝି, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି , କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ମଣ୍ଡିରେ ଚାଷୀଙ୍କ ଅସୁବିଧା ବୁଝିଲେ

**କୋଡିଙ୍ଗା, ୧୧।୨(ଡି.ଏନ୍.ଏ.)–** ରାଜ୍ୟ ଭାଜପାର ଏକ ଟିମ୍ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ଚାଷୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଭାଜପା ନେତାଙ୍କୁ ଜଣାଇଥିଲେ। ଟାର୍ଗେଟ ନାହିଁ କହି ମଣ୍ଡିରୁ ଧାନ ଉଠାଯାଉନି। କୁଇଣ୍ଟାଲ ପିଛା ୫ରୁ ୮କେଜି ଧାନ କଟାଯାଉଛି ବୋଲି ଚାଷୀ ଅଭିଯୋଗ କରିଥିଲେ। ମଣ୍ଡିରେ ପାନୀୟ ଜଳ ସୁବିଧା, ଚାଷୀଙ୍କ ପାଇଁ ବସିବା ବ୍ୟବସ୍ଥା ନ ଥିବାରୁ ଭାଜପା ନେତାମାନେ ବିଗିଡି ଥିଲେ। ବଳକା ଧାନ ବିକ୍ରି ସହ ମଣ୍ଡି ଅବ୍ୟବସ୍ଥା ନେଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଓ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଜିଲାପାଳଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ। ୨୪ ଘଣ୍ଟା ମଧ୍ୟରେ ମଣ୍ଡିରୁ ଧାନ ଉଠାଯାଇ ସମସ୍ୟା ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସମାଧାନ ନ ହେଲେ ବଡ଼ ଧରଣର ଚାଷୀ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ଭାଜପା ନେତାମାନେ। ଏହି ସମୟରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଅରୁଣ ପୂଜାରୀ, ପଦ୍ମନ ନାୟକ, ଦୁର୍ଯ୍ୟୋଧନ ମିର୍ଗାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମସ୍ୟା ନେଇ ଆଲୋଚନା

ଚନ୍ଦ୍ରପୁର,୧୧।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ପଞ୍ଚାୟତ ରାଇବିଜି ଗ୍ରାମ ନିକଟରେ ବ୍ଲକ୍ ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ଶିକ୍ଷକମାନଙ୍କୁ ନିୟମିତ ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ, ଦୀର୍ଘଦିନ ହେଲା ପଡ଼ିରହିଥିବା ଏନ୍‌ପିଏସ୍ କାମ ସମ୍ପୂର୍ଣ୍ଣ କରିବା, ଏକ୍ସ କ୍ୟାଡର ଶିକ୍ଷକଙ୍କୁ ଏଲିମେଣ୍ଟାରି ଶିକ୍ଷକ ଭାବେ ଘୋଷଣା, ବକେୟା ୬ମାସର ଦରମା ପ୍ରଦାନ, ନିୟମିତ ହୋଇ ନ ଥିବା ଶିକ୍ଷକଙ୍କୁ ନିୟମିତ କରିବା, ସରକାରଙ୍କ ସମସ୍ତ ସୁବିଧା ପ୍ରଦାନ ଆଦି ବିଷୟକୁ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍ ଏକ୍ସ କ୍ୟାଡର ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ବିଜୟ ମିଶ୍ର, ରାଜ୍ୟ ଉପସଭାପତି ସୁରେନ୍ଦ୍ର ମଲ୍ଲିକ, ରାଜୀବଲୋଚନ ପ୍ରଧାନ, କଳାହାଣ୍ଡି ଜିଲା ସଭାପତି ସୁବ୍ରତ ଦଣ୍ଡସେନା, କନ୍ଧମାଳ ଜିଲା ସମ୍ପାଦକ ରମେଶ ଦଣ୍ଡସେନା, କୋରାପୁଟ ଜିଲା ସମ୍ପାଦକ ଶିବ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରାଜ୍ୟ ମିଡିଆ ସଂଯୋଜକ ରଞ୍ଜୁ ଅମାତ, ରାୟଗଡ଼ା ଜିଲା ଉପସଭାପତି ସୁରେଶ ପଣ୍ଡା, କୋଷାଧ୍ୟକ୍ଷ ସନ୍ତୋଷ ଦାସ, ଚନ୍ଦ୍ରପୁର ବ୍ଲକ୍ ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ସମ୍ପାଦକ ହରେକୃଷ୍ଣ ବ୍ରହ୍ମା, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ଚୌଧୁରୀଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଏକ୍ସ କ୍ୟାଡର ଲେଭେଲ ଭି ର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରାୟଗଡ଼ା ଜିଲା ସଭାପତି ତଥା ରାଜ୍ୟ କୋଷାଧ୍ୟକ୍ଷ ବିଜୟ ମିଶ୍ର ପରିଚାଳନା କରିଥିଲେ। ଶେଷରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସରକାରୀ ବସ୍‌ଷ୍ଟାଣ୍ଡ ପାଇଁ ଜାଗା ଚିହ୍ନଟ

ମୁନିଗୁଡ଼ା,୧୧।୨(ଡି.ଏନ୍.ଏ.)

ଓଏସ୍‌ଆର୍‌ଟିସି ବସ୍ ରହଣି ନିମନ୍ତେ ରାୟଗଡ଼ା ଜିଲା ମୁନିଗୁଡ଼ା ସଦରସ୍ଥିତ ବନଦୁର୍ଗା ମନ୍ଦିର ନିକଟରେ ରାଜସ୍ୱ ଓ ଜଙ୍ଗଲ ବିଭାଗ ପକ୍ଷରୁ ଜାଗା ଚିହ୍ନଟ କରାଯାଇଛି। ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆର୍‌ଆଇ ନୀଳାଞ୍ଚଳ ଗୌଡ଼, ବିଶ୍ୱନାଥ ଶବର, ବାଳକୃଷ୍ଣ ରଥ, ରାଜସ୍ୱ ପରିଦର୍ଶକ ପତିତପାବନ ରଥ, କରୁଣାକର କହଁର ଏବଂ ଫରେଷ୍ଟର ହରିଶ୍ଚନ୍ଦ୍ର ମାର୍ଥାଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ କରାଯାଇଥିଲା। ସରକାରୀ ବସ୍‌ଷ୍ଟାଣ୍ଡ ନିମନ୍ତେ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା। ଜିଲା ବିଜେଡି ସଭାପତି ରତନଲାଲ ଜୈନ ଓ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଗୁରୁବାର ଜାଗା ଚିହ୍ନଟ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ମନେପଡ଼ିଲେ ଜିଲାର ପ୍ରଥମ ଶହୀଦ ବଗା ପୂଜାରୀ


'ଆତ୍ମ ବଳିଦାନ' ଦିବସରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର,/ଉମରକୋଟ, ୧୧/୨(ବି.ପ୍ର./ସ୍ୱ.ପ୍ର.)

'ଘରୁ ଗୋଡ଼ କାଢ଼ିଲି ବୋଇଲେ ସ୍ୱରାଜ ନାଇ ଆସବା ପତେ ଘରକେ ନାଇଁ ଉଲଟେ' ଅର୍ଥାତ୍ ଘରୁ ବାହାରିଲି ମାନେ ସ୍ୱରାଜ ନ ଆସିବା ଯାଏ ଘରକୁ ଫେରିବାର ନାହିଁ। ଏହା ଥିଲା ଜିଲାର ପ୍ରଥମ ଶହୀଦ ବଗା ପୂଜାରୀଙ୍କ ଶେଷ ବାଣୀ। ବଗା ପୂଜାରୀଙ୍କ ୭୯ତମ ଶ୍ରାଦ୍ଧ ଦିବସ ବା 'ଆତ୍ମ ବଳିଦାନ' ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ତାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରତିବର୍ଷ ଏହି ଦିବସକୁ ବଗା ପୂଜାରୀଙ୍କ ନାତୁଣୀ ତଥା ଉମରକୋଟର ପୂର୍ବତନ ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ ପାଳନ କରି ଆସୁଛନ୍ତି। ଆଜିର ଏହି ବଳିଦାନ ଦିବସରେ ମନ୍ତ୍ରୀ ପଦ୍ମିନୀ ଦିଆନ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ମାଝି, ଶହୀଦ ସ୍ମୃତି ସମିତି ସଭାପତି ମୁନା ତ୍ରିପାଠୀ, ମା' ଘର ଅଧ୍ୟକ୍ଷା କଦମ୍ବିନୀ ତ୍ରିପାଠୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝି, ଡ. ସୁରେନ୍ଦ୍ରନାଥ ଦାଶ, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, କବି ବଲ୍ଲଭ ରାଉତ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିମାନେ ବଗା ପୂଜାରୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶହୀଦ ଙ୍କ ସ୍ମୃତି ଚାରଣ କରିଥିଲେ । ଶହୀଦ ବଗା ପୂଜାରୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

# ଗୁଣପୁର-ଥେରୁବାଲି ପ୍ରକଳ୍ପ ପାଇଁ ହଜାରେ ନୁହେଁ ୧୨ଲକ୍ଷ ମିଳିଛି

ରାୟଗଡ଼ା ଅଫିସ,୧୧।୨



ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଓ ଅନ୍ୟମାନେ।

**ପ୍ରିଣ୍ଟିଂ ଭୁଲ୍ କହିଲା ଭାଜପା**

କେନ୍ଦ୍ର ବଜେଟରେ ରାୟଗଡ଼ା ଜିଲାକୁ ଉପେକ୍ଷା କରାଯାଇଛି। ଗୁଣପୁର-ଥେରୁବାଲି ରେଲୱେ ପ୍ରକଳ୍ପ ପାଇଁ ମାତ୍ର ୧ହଜାର ଟଙ୍କା ଅନୁଦାନ ମିଳିଛି। ହେଲେ ଏହା ପ୍ରିଣ୍ଟିଂ ଭୁଲ୍ ବୋଲି କହିଛି ରାୟଗଡ଼ା ଜିଲା ଭାଜପା। ଗୁରୁବାର ସ୍ଥାନୀୟ ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ ଏହା କହିଛନ୍ତି। ସେ କହିଛନ୍ତି, ଜିଲାକୁ କୌଣସି ଅବହେଳା କରାଯାଇନାହିଁ। ପ୍ରଧାନମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ବଜେଟ ଏକ ଐତିହାସିକ ବଜେଟ। ଗୁଣପୁର-ଥେରୁବାଲି ରେଳପଥ କାମ ନିମନ୍ତେ ୧ ହଜାର ନୁହେଁ ୧୨ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ପ୍ରକଳ୍ପ କାମର ସର୍ଭେ ପାଇଁ ଏହି ଟଙ୍କା ଦିଆଯାଇଥିବା ସେ କହିଛନ୍ତି। ସେହିପରି ରାୟଗଡ଼ାରେ ଡିଆର୍‌ଏମ୍ ଅଫିସ ଶୀଘ୍ର ପ୍ରତିଷ୍ଠା ନେଇ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି। ଏଠାରେ ଶାସକ ଦଳକୁ ଟାର୍ଗେଟ କରି ଜିଲା ସଭାପତି କହିଛନ୍ତି, ବିଜେଡି ୨୧ ବର୍ଷର ଶାସନରେ ବିକାଶର ଚିନ୍ତା କରିନାହିଁ। ବିକାଶ ପାଇଁ ଆସୁଥିବା ଟଙ୍କା କେନ୍ଦ୍ର ସରକାରଙ୍କର ବୋଲି ସେ କହିଛନ୍ତି। ସେହିପରି ବୁଧବାର ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ରାୟଗଡ଼ା ଗସ୍ତରେ ଆସି ମଝିଘରିଆଣୀ ମନ୍ଦିର ଉନ୍ନତି ବିଷୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିବା ଜିଲା ସଭାପତି କହିଛନ୍ତି। ଏଠାରେ ଇକୋ ଡେଭେଲପ୍‌ମେଣ୍ଟ ପାର୍କ ହୋଇପାରିବ। କିନ୍ତୁ ରାଜ୍ୟ ସରକାର ଐତିହ୍ୟ ଓ ପର୍ଯ୍ୟଟନସ୍ଥଳର ବିକାଶ ଦିଗରେ ଚେଷ୍ଟାକରୁ ନ ଥିବାରୁ ମହାନ୍ତି କ୍ଷୋଭ ପ୍ରକାଶ କରିଥିବା ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସଭାପତିଙ୍କ ସମେତ ସାଧାରଣ ସମ୍ପାଦକ କିଶୋର ପଣ୍ଡା, ଜାତୀୟ ଜନଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ କଳୀରାମ ମାଝି, ଦଳୀୟ ନେତା ବସନ୍ତ ଉଲାକା, ନଗର ସଭାପତି ଶ୍ୟାମ କୁମାର ଦାଶ ମଞ୍ଚାସୀନ ଥିଲେ।

### ଚନ୍ଦ୍ରପୁର ପଞ୍ଚାୟତ ସମିତି ବୈଠକ

ଚନ୍ଦ୍ରପୁର,୧୧।୨(ଡି.ଏନ୍.ଏ.)

ଚନ୍ଦ୍ରପୁରଠାରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ପିଇଓ ଭିକାରି ଚରଣ ମିଶ୍ର ବୈଠକର ବିବରଣୀ ପାଠ କରିଥିଲେ। ଏହାପରେ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ଆଇସିଡିଏସ୍, ଗ୍ରାମ୍ୟ ଜଳ ଯୋଗାଣ, ମୃତ୍ତିକା ସଂରକ୍ଷଣ, କୃଷି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାରାରୋପଣ ଓ ରାଜସ୍ୱ ବିଭାଗର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଡାଙ୍ଗସୋରଡ଼ା ରେ ପ୍ରାଣୀ ନିରୀକ୍ଷକ ପଦବୀ ପୂରଣ ନ ହେବା ବିଷୟରେ ଏମ୍‌ପି ପ୍ରତିନିଧି ଭୀମ ଗଗେରଙ୍ଗ ପ୍ରଶ୍ନ ଉଠାଇଥିଲେ। ଏକଲବ୍ୟ ବିଦ୍ୟାଳୟ ପାଇଁ ସ୍ଥାନ ଓ ସ୍ୱତନ୍ତ୍ର ହେଲିପ୍ୟାଡ ପାଇଁ ଜାଗା ଚିହ୍ନଟ ନେଇ ତହସିଲଦାରଙ୍କ ସହ ଆଲୋଚନା କରାଯାଇଛି। ବୈଠକରେ ବ୍ଲକ୍ ଅଧ୍ୟକ୍ଷା ସଙ୍ଗୀତା ପ୍ରଟିଙ୍ଗା, ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ଏମ୍‌ଏଲ୍‌ଏ ପ୍ରତିନିଧି ଯାମି ଗୁରୁନାଥ, ବିଇଓ ଜୀବନ ବାରୁଆଙ୍କ ସମେତ ଅନ୍ୟ ଅଧିକାରୀ, ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# ୧୫ ସୁଦ୍ଧା ମଣ୍ଡିରୁ ଧାନ ଉଠାଇବାକୁ ନିର୍ଦ୍ଦେଶ


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର,୧୧।୨(ବି.ପ୍ର.)

**ଜିଲାସ୍ତରୀୟ ମାସିକ ରାଜସ୍ୱ ସମୀକ୍ଷା ବୈଠକ**

ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସଭାଗୃହରେ ଗୁରୁବାର ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ ମାସିକ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଉପଜିଲାପାଳ ଭାସ୍କର ରଇତ, ଡେପୁଟି କଲେକ୍ଟର ମୌସୁମୀ ନାୟକଙ୍କ ସମେତ ଜିଲାର ୧୦ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ପରିଦର୍ଶକ, ଆର୍‌ଆଇ ଏବଂ ଅନ୍ୟ ରାଜସ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ମାର୍ଚ୍ଚ ମାସ ସୁଦ୍ଧା ଶତପ୍ରତିଶତ ରାଜସ୍ୱ ଆଦାୟ କରିବାକୁ ଜିଲାପାଳ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସୈରାତ ମାମଲାର ଶୀଘ୍ର ଫଇସଲା କରି ରାଜସ୍ୱ ଆଦାୟ କରିବାକୁ ସେ କହିଥିଲେ। ଅନ୍‌ଲାଇନ ଇ-ପୌଟି ମାଧ୍ୟମରେ ଶତ ପ୍ରତିଶତ ରାଜସ୍ୱ ଆଦାୟ କରିବା ପାଇଁ ତହସିଲଦାରମାନଙ୍କୁ ପରାମର୍ଶ ଦେଇଥିଲେ। ରାୟପୁରରୁ ବିଶାଖାପାଟଣା ଭାରତମାଳା ପ୍ରକଳ୍ପର ଜମି ଅଧିଗ୍ରହଣ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ୧୫ ତାରିଖ ସୁଦ୍ଧା ପ୍ରତ୍ୟେକ ମଣ୍ଡିରୁ ଧାନ ଉଠାଇବା ପାଇଁ ଉପଜିଲାପାଳ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କେନ୍ଦ୍ର-ରାଜ୍ୟ ଉଦ୍ୟମରେ ଶୀଘ୍ର ହେଉ ରେଳପଥ ନିର୍ମାଣ

ଗୁଣପୁର,୧୧।୨(ଡି.ଏନ୍.ଏ.)


ଓକିଲ ସଂଘର କର୍ମକର୍ତ୍ତା ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

**ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ରାୟଗଡ଼ା ଜିଲାର ଗୁଣପୁର ଠାରୁ ଥେରୁବାଲିକୁ ରେଳପଥ ନିର୍ମାଣ ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ତ୍ୱରିତ ପଦକ୍ଷେପ ନିଆଯାଉ ବୋଲି ଗୁଣପୁର ଓକିଲ ସଂଘ ଦାବି କରିଛି। ଏ ନେଇ ଗୁରୁବାର ସଂଘ ପକ୍ଷରୁ ଏକ ଦାବିପତ୍ର ଉପଜିଲାପାଳ ସୋନାଲ୍ ଜେନାଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରେଳମନ୍ତ୍ରୀ ପୀୟୁଷ ଗୋଏଲ୍ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଛି। ଐତିହାସିକ ରେଳ ପ୍ରକଳ୍ପକୁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ଓଡ଼ିଶାର ଦ୍ୱିତୀୟ ରେଳଲାଇନ୍ ଭାବେ ଗୁଣପୁର-ନୌପଡ଼ା ରେଳପଥ ନିର୍ମାଣ ହୋଇଥିଲା। ଏହି ରେଳପଥ ପାରଳାଖେମୁଣ୍ଡି ମହାରାଜାଙ୍କ ଉଦ୍ୟମରେ ନିର୍ମାଣ ହୋଇଥିଲା। ଏବେ ଏହି ରେଳପଥ ଗୁଣପୁର ଠାରୁ ଥେରୁବାଲି ପର୍ଯ୍ୟନ୍ତ ସଂଯୋଗ ନେଇ ଦାବିହୋଇ ଆସଥିଲେ ମଧ୍ୟ ଏହାକୁ ଅବହେଳା କରାଯାଉଛି। ୨୦୧୭-୧୮ ବଜେଟରେ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ରାଜ୍ୟ ସରକାର ୭୯.୧୫ କି.ମି. ରେଳପଥ ନିମନ୍ତେ ମାଗଣା ଜମି ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ମୁତାବକ ପ୍ରକଳ୍ପର ଅଧା ଖର୍ଚ୍ଚ ନେଇ କୌଣସି ପଦକ୍ଷେପ ରାଜ୍ୟ ସରକାର ନେଇନାହାନ୍ତି। ଫଳରେ ଗୁଣପୁର-ଥେରୁବାଲି ରେଳପଥ ନାଲିଫିତା ତଳେ ରହିଯାଇଛି। ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଏହି ରେଳପଥ ନିର୍ମାଣ ଦିଗରେ ତୁରନ୍ତ ଏମ୍‌ଓୟୁ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି ହୋଇଛି। ରେଳପଥ ନିର୍ମାଣ ଦିଗରେ ଶୀଘ୍ର ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ସଂଘର ସମ୍ପାଦକ ରମେଶ ଲିମା, ଆଇନଜୀବୀ ଉମାଚରଣ ପଟ୍ଟନାୟକ, ଅକ୍ଷୟ ଦାସ, କୃଷ୍ଣ ସେନାପତି, ଗଣେଷ ପଣ୍ଡା, ସନ୍ତୋଷ ସାହ,ଏସ୍.ବାବା ପ୍ରସାଦ, ସୁଜିତ ପ୍ରଭା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଗଞ୍ଜେଇ ଜବତ:୩ ଗିରଫ**

କୋଷାଗୁମୁଡ଼ା,(ଡି.ଏନ୍.ଏ.)- ଚାଲାଣବେଳେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ପୋଲିସ ଏକ ଗଞ୍ଜେଇ କାରକୁ ଜବତ କରିଛି। ଏହି ଘଟଣାରେ ପୋଲିସ ଉତ୍ତରପ୍ରଦେଶ ହରିଦାସପୁରର ସତେନ୍ଦ୍ର ରାଉତ, ରାଜେନ୍ଦ୍ର କୁମାର ଓ ରାଜୁ ରାଓ୍ୱତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨ଶହ ଟଙ୍କା, ୨ଟି ଏଟିଏମ୍ ଓ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି। ପୋଲିସ ପାଟକୁମାଠାରେ ଗାଡ଼ି ଯାଞ୍ଚ କରୁଥିବାବେଳେ (ଡିଏଲ୍-୧୨ସିଏନ୍-୬୯୩୧) ଗାଡିକୁ ଅଟକାଇଥିଲା। ଯାଞ୍ଚବେଳେ ସେଥିରୁ ୭୮ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ମିଳିଥିଲା। ପୋଲିସ ୨୯/୨୧ରେ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ଜିଲାପାଳଙ୍କୁ ସମ୍ବର୍ଦ୍ଧନା



କୋରାପୁଟ,୧୧।୨(ସ୍ୱ.ପ୍ର.)- କୋରାପୁଟଠାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ କୋରାପୁଟ ଜିଲାର ନୂତନ ଜିଲାପାଳ ମହମ୍ମଦ ଅବଦାଲ ଅକ୍ତାରଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଅସିତ କୁମାର ଦାସ କୁଳପତିଙ୍କ ଶୁଭେଚ୍ଛା ଜଣାଇ ଜିଲାର ବିକାଶରେ ତାଙ୍କର ସଫଳତା କାମନା କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପ୍ରଫେସର ପି.ଦୁର୍ଗାପ୍ରସାଦ ଓ ଲୋକ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇ ବିଶ୍ୱବିଦ୍ୟାଳୟର ବିଭିନ୍ନ ଆହ୍ୱାନ ଉପରେ ଆଲୋଚନା କରିଥିଲେ । ଜିଲାପାଳ ମଧ ବିଶ୍ୱବିଦ୍ୟାଳୟର ବିକାଶ ଦିଗରେ ସବୁପ୍ରକାର ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଶ୍ୱବିଦ୍ୟାଳୟର ଏହି ଟିମ୍ ମଧ ବିଦାୟୀ ଜିଲାପାଳ ମଧୁସୂଧନ ମିଶ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ।

### ଆଇନ ସଚେତନତା ଶିବିର

ଦଶମନ୍ତପୁର,୧୧।୨ (ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ଗୁରୁବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ତାଲୁକା ଆଇନ ସେବା କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିବେକ ସାସମଲ ଅଧକ୍ଷତା କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ, ଦଶମନ୍ତପୁର ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ଆଇନଜୀବୀ ବିଶ୍ୱନାଥ ବିଶୋୟୀ, ଶିକ୍ଷକ ବଶିଷ୍ଠ ନାୟକ, ଅଧାପକ ପର୍ଶୁରାମ ସାହୁଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଶିବିରରେ ସଡକ ସୁରକ୍ଷା, ମୋଟର ଯାନ ଆଇନ, ମୋଟର ଦୁର୍ଘଟଣାଜନିତ ଟ୍ରିବ୍ୟୁନାଲ ଏବଂ ଏହାର ପରିଚାଳନା ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଚାରପତି ସାସମଲ ବୁଝାଇଥିଲେ। ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ।

### ନବଜାତ ଶିଶୁ ସ୍ତନ୍ୟପାନ ସମ୍ପର୍କିତ ପର୍ଯ୍ୟବେକ୍ଷଣ କର୍ମଶାଳା

କାଳିମେଳା, ୧୧।୨(ଡି.ଏନ.ଏ.) ମାଲକାନଗିରି ଜିଲା କାଳିମେଳା ବ୍ଲକ୍ ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ୍ ସଭା ଗୃହରେ ନବଜାତ ଶିଶୁମାନଙ୍କ ସ୍ତନ୍ୟପାନ ସମ୍ପର୍କିତ ପର୍ଯ୍ୟବେକ୍ଷଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ସିଡିପିଓ ରାଜଶ୍ରୀ ପଟ୍ଟନାୟକ, କାଳିମେଳା ସିଡିପିଓ ସନ୍ଧ୍ୟାରାଣୀ ନାୟକ, ଟ୍ରେନର ଶାନ୍ତି କୁମାରୀ କରସୁଧା ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ। ଏଥିରେ କାଳିମେଳାର ୧୧ଟି ସେକ୍ଟରରୁ ୧୧ ଜଣ, ମାଲକାନଗିରିର ୧୦ ସେକ୍ଟରରୁ ୧୦ଜଣ ଓ ପଡିଆ ବ୍ଲକ୍‌ର ୪ ସେକ୍ଟରୁ ୪ଜଣ ସୁପରଭାଇଜର ଯୋଗ ଦେଇଥିଲେ। ଏଥିସହ କାଳିମେଳା ଓ ପଡିଆ ସ୍ୱାସ୍ଥ୍ୟକେନ୍ଦ୍ର ରୁ ଜଣେ ଲେଖାଏ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହି ତାଲିମ ନେଇଥିଲେ । ମା' କ୍ଷୀର ସନ୍ତାନ ପାଇଁ ଅମୃତ। ଏହା ରୋଗ ନାଶକ ମଧ ହୋଇଥାଏ । ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର କମାଇ ସୁସ୍ଥ ନୀରୋଗ ସନ୍ତାନ ଜନ୍ମ ଉପରେ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା।

# ସମସ୍ୟା ନ ବୁଝିଲେ ଆନ୍ଧ୍ର ନିର୍ବାଚନରେ ଭୋଟ ଦେବୁ: ଗ୍ରାମବାସୀ

**ଓଡିଶାର ୩ ଗ୍ରାମ ଉପରେ ଆନ୍ଧ୍ରର ନଜର**

ମାଲକାନଗିରି/ଚିତ୍ରକୋଣ୍ଡା, ୧୧।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟିଆକୁ ନେଇ ଆନ୍ଧ୍ର–ଓଡ଼ିଶା ବିବାଦ ଥମି ନ ଥିବା ବେଳେ ଏବେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ତିନୋଟି ଗ୍ରାମ ଉପରେ ଆନ୍ଧ୍ର ନଜର ପକାଇଛି। ଚିତ୍ରକୋଣ୍ଡା ବ୍ଲକ ଧୂଳିପୁଟ ପଞ୍ଚାୟତର ଜାମୁଜଡି, କତାପାଲି ଓ ଜୁମଡାଙ୍ଗ ଗ୍ରାମ ଉପରେ ଆନ୍ଧ୍ରର ନଜର ଥିବା ଜଣାପଡିଛି। ଏନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚିତ୍ରକୋଣ୍ଡା ବ୍ଲକ ଧୂଳିପୁଟ ପଞ୍ଚାୟତର ଏହି ତିନି ଗ୍ରାମ ଆନ୍ଧ୍ରର ବିଶାଖାପାଟଣା ଜିଲା ପାଡେରୁ ବ୍ଲକରେ ରହଛି। ପଞ୍ଚାୟତ ନିର୍ବାଚନ ନେଇ ଏହି ଅଞ୍ଚଳରେ ଏବେ ସୁଦ୍ଧା ଆନ୍ଧ୍ରର କୌଣସି ରାଜନୈତିକ ଦଳର ପୋଷ୍ଟର ଦେଖିବାକୁ ମିଳିନାହିଁ । ଏହା ସତ୍ତ୍ୱେ ଆଗାମୀ ଦିନରେ ଆନ୍ଧ୍ର ଏହି ୩ ଗ୍ରାମ ଅଞ୍ଚଳକୁ ନିଜ କବ୍‌ଜାକୁ ନେବାକୁ ପ୍ରୟାସ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି।

ଅନ୍ୟପକ୍ଷରେ ଚିତ୍ରକୋଣ୍ଡା ବ୍ଲକରେ ଗତ ପଞ୍ଚାୟତ ନିର୍ବାଚନ ହୋଇନାହିଁ। ବ୍ଲକର ୧୮ଟି ପଞ୍ଚାୟତରେ ଏବେ କେହି ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ଅଧକ୍ଷ ନାହାନ୍ତି। ଏଭଳି ସ୍ଥିତିରେ ଆନ୍ଧ୍ର–ଓଡ଼ିଶା ସୀମାନ୍ତରେ ଥିବା ଏହି ଗ୍ରାମଗୁଡିକ ନିଜ କବ୍‌ଜାକୁ ନେବାଲାଗି ଉଦ୍ୟମ କରୁଛି। ଏହି ଗ୍ରାମଗୁଡିକ ପ୍ରତି ଓଡିଶାର ଅବହେଳାର ସୁଯୋଗ ନେଇ ଆନ୍ଧ୍ର ଏଥିରୁ ଫାଇଦା ଉଠାଉଛି। ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା, ଆଧାର ଏବଂ ରାଶନ କାର୍ଡ ଆଦି ଦେଉଛି। ଧୂଳିପୁଟ ପଞ୍ଚାୟତର ଜମୁଡାଙ୍ଗ ଗାଁରେ ଲୋକଙ୍କୁ ଆନ୍ଧ୍ର ନିଜ ରାଜ୍ୟର ପରିଚୟପତ୍ର ଦେଇଛି। ଏହି ଗ୍ରାମବାସୀ ଆନ୍ଧ୍ର ଦେଇଥିବା ଭୋଟର କାର୍ଡ, ରାଶନ କାର୍ଡ ଏବଂ ଆଧାର କାର୍ଡ ବ୍ୟବହାର କରୁଛନ୍ତି। ସମସ୍ତେ ତେଲୁଗୁ ଭାଷାରେ କଥାବାର୍ତ୍ତା କରି ଓଡ଼ିଆ ଭାଷାକୁ ପ୍ରାୟ ଭୁଲିଗଲେଣି। ଜୁମଡାଙ୍ଗ ଗାଁରେ ୨୧ଟି ପରିବାର ବସବାସ କରୁଛନ୍ତି। ଓଡିଶା ସରକାର ତଥା ଜିଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ ଭୋଟର ତାଲିକାରେ ୬୮ଜଣଙ୍କ ନାଁ ରହିଛି। ୧୪ ପରିବାର ସେଟେଲମେଣ୍ଟ ପଟ୍ଟା ପାଇଛନ୍ତି। ବିଭିନ୍ନ ଯୋଜନାରେ ୧୮ ପରିବାର ରାଶନ ସାମଗ୍ରୀ ପାଉଛନ୍ତି। ୧୦ ଜଣ ପାଉଛନ୍ତି ଭତ୍ତା। ଓଡ଼ିଶା ସରକାର ଆମକୁ ବିଭିନ୍ନ ସୁବିଧା ସୁଯୋଗ ନ ଦେଲେ ଆମେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନରେ ଭୋଟ ଦେବୁ ବୋଲି କେତେ ଜଣ ଅଞ୍ଚଳବାସୀ କହିଛନ୍ତି।

ଅନ୍ୟପକ୍ଷରେ ଆନ୍ଧ୍ରରେ ବାର୍ଦ୍ଧକ୍ୟ ଭତ୍ତା ୨୫୦୦ ଟଙ୍କା ଥିବା ବେଳେ ଓଡିଶାରେ ୫୦୦ ଟଙ୍କା ରହିଛି। ସେହିଭଳି ରାଶନ ସାମଗ୍ରୀ ମଧ ଆନ୍ଧ୍ର ଅଧିକ ଦେଉଛି। ଏହି ତିନୋଟି ଗ୍ରାମ ଜାମୁଜଡି, କତାପାଲି ଓ ଜୁମଡାଙ୍ଗବାସୀ ଆନ୍ଧ୍ରରୁ ମଧ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଅନ୍ୟାନ୍ୟ ସୁବିଧା ସୁଯୋଗ ପାଉଛନ୍ତି। କୋଟିଆକୁ ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ମାଲକାନଗିରି ଜିଲା ସୀମାନ୍ତରେ ଥିବା ଏହି ଗ୍ରାମଗୁଡିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଗ୍ରାମବାସୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ତହସିଲଦାରଙ୍କୁ ପଚାରିବାରୁ ସେ କହିଲେ, ଏନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ଏହାର ସତ୍ୟତା ତଦନ୍ତ କରି ସେ ଅନୁଧ୍ୟାନ କରିବେ ବୋଲି କହିଥିଲେ।

# ୨୦୨ କୋବ୍ରା ବାହିନୀ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର



କୋବ୍ରା ବାହିନୀର କମାଣ୍ଡାଣ୍ଟ ସନ୍ତୋଷ ବାହାଦୁର ସିଂହ ଶିବିର ଉଦ୍‌ଘାଟନ କରୁଛନ୍ତି।

ସୁନାବେଡା,୧୧।୨(ସ୍ୱ.ପ୍ର.)

ସୁନାବେଡ଼ା ୨୦୨ କୋବ୍ରା ବାହିନୀ ପକ୍ଷରୁ ପାତ୍ରପୁଟ, ପୂଜାରିପୁଟ, ରୋଷେଇ ପୁଟ ଓ ମୁଖିବିଡ଼ାଇ ଗ୍ରାମରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ୨୦୨ କୋବ୍ରା ବାହିନୀର କମାଣ୍ଡାଣ୍ଟ ସନ୍ତୋଷ ବାହାଦୁର ସିଂହ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟ ଚିକିତ୍ସା ଅଧିକାରୀ ସତୀଶ ଚନ୍ଦ୍ର କୁସୁଆ,ସୁନୀଲ ଦେବତିଆ, ପାତ୍ରପୁଟ ସରପଞ୍ଚ ରାମଅନ୍ତ ବାସିୟା, ୱାର୍ଡମେମ୍ବର ମଣିମା ଖେମୁଣ୍ଡ,ସମିତି ସଭ୍ୟ ଦାନୁମନ୍ତି ଖିଲଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୪ଟି ଗ୍ରାମର ୨୭୮ ଗ୍ରାମବାସୀ ଚିକିତ୍ସା ପାଇଥିଲେ। ଚିକିତ୍ସା ପରେ ସେମାନଙ୍କୁ ଔଷଧ ପ୍ରଦାନ କରାଯାଇଥିଲା।

# ହାଟରୁ ଉଦ୍ଧାର ଶିଶୁକନ୍ୟାର ମୃତ୍ୟୁ

**ବେଟୀ ବଞ୍ଚାଓ, ବେଟୀ ପଢ଼ାଅ ଯୋଜନା ବାଟମଣା**

ଲକ୍ଷ୍ମୀପୁର,୧୧।୨(ସ୍ୱ.ପ୍ର.)

ଶିଶୁକନ୍ୟା ସୁରକ୍ଷା, ସେମାନଙ୍କ ସମୃଦ୍ଧି ନେଇ ବିଭିନ୍ନ ସମୟରେ ବହୁ କଥା କୁହାଯାଉଛି। ସେମାନଙ୍କ ସୁରକ୍ଷା ଓ ବିକାଶ ଲାଗି ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବେଟି ବଞ୍ଚାଓ, ବେଟି ପଢ଼ାଅ ଭଳି ସ୍ଲୋଗାନ ଦେଉଛନ୍ତି। ଏଥିପାଇଁ ସଚେତନତା ବାର୍ତ୍ତା ମଧ ପ୍ରଚାର କରାଯାଉଛି। ତଥାପି ଶିଶୁକନ୍ୟାଙ୍କ ପ୍ରତି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସୁନି। ଶିଶୁକନ୍ୟାଟିଏ ଜନ୍ମ ହେବା ପରେ ତା'ର ଭାଗ୍ୟ ଓ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି। କେଉଁଠି ସେ କୁକୁରଙ୍କ ଆହାର ପାଲଟୁଛି ତ କେଉଁଠି ମାତୃପିତୃହୀନର ପରିଚୟ ନେଇ ତାକୁ ବଞ୍ଚିବାକୁ ପଡୁଛି। ଏଭଳି ଏକ ଶିଶୁକନ୍ୟା ଭାଗ୍ୟ ଓ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। କୋରାପୁଟ ଜିଲା ଲକ୍ଷ୍ମୀପୁରର ଏକ ସାପ୍ତାହିକ ହାଟରୁ ବୁଲା କୁକୁରଙ୍କ ଆହାର ପାଲଟିବା ପୂର୍ବରୁ ଶିଶୁକନ୍ୟାକୁ ଉଦ୍ଧାର କରାଯିବା ପରି ଘଟଣା ଘଟିଛି। ବ୍ଲକର କାକିରିଗୁମ୍ମା ବଜାର ନିକଟସ୍ଥ ହାଟ ପଡ଼ିଆଠାରେ ପଡିରହିଥିବା ଏକ ଶିଶୁକନ୍ୟାକୁ ବୁଲାକୁକୁର କାମୁଡୁଥିବା ବେଳେ ସେଠାରେ ଥିବା ବ୍ୟବସାୟୀ ରମେଶ ବିଶୋୟୀ ତାକୁ ଉଦ୍ଧାରକରି ଡାକ୍ତରଖାନା ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନିଆଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି। ଖବର ପାଇ ଶିଶୁ ସୁରକ୍ଷା ସମିତି ସଂଯୋଜକ ମୋନାଲି ପଟ୍ଟନାୟକ ପହଞ୍ଚିଥିଲେ।

# ଚିନ୍ତା ବଢ଼ାଇଛି ଆନ୍ଧ୍ର ପଞ୍ଚାୟତ ନିର୍ବାଚନ

ପଟ୍ଟାଙ୍ଗୀ,୧୧।୨(ଡି.ଏନ.ଏ.)



କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ଫାଟୁସିନେରି ପଞ୍ଚାୟତରେ ଆନ୍ଧ୍ର ପକ୍ଷରୁ ହେଉଥିବା ପଞ୍ଚାୟତ ନିର୍ବାଚନ କୋରାପୁଟ ଜିଲା ପ୍ରଶାସନର ଚିନ୍ତା ବଢାଇ ଦେଇଛି। ଏନେଇ ବିଭିନ୍ନ ରାଜନୈତିକ ଦଳ ମଧରେ ବିତର୍କ ଆରମ୍ଭ ହୋଇଛି। କୋଟିଆ ପଞ୍ଚାୟତର ତିନି ଗ୍ରାମ ଗଞ୍ଜେଇ ପଦର, ଫଗୁଣସିନେରି ଓ ଫାଟୁସିନେରିକୁ ନେଇ ଆନ୍ଧ୍ର ପଞ୍ଚାୟତରେ ପରିଣତ କରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରୁଛି। ଏହି ଖବର ଜଣାପଡିବା ପରେ ଜିଲା ଓ ବ୍ଲକ ଦୁଇ ପ୍ରଶାସନର ଅଧିକାରୀମାନେ କୋଟିଆ ପଞ୍ଚାୟତକୁ ବାରମ୍ବାର ଗସ୍ତ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ୧୩ରେ ଫାଟୁସିନେରି ଗ୍ରାମରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଗୁରୁବାର କୋରାପୁଟ ଜିଲାପାଳ ମହମ୍ମଦ ଅଖତରଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ଲଳିତ କୁମାର କଅଁରଙ୍କ ନେତୃତ୍ୱରେ ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ବିଶ୍ୱାସରାୟ, କୋଟିଆ ରାଜସ୍ୱ ନିରୀକ୍ଷକ ଗୁମା ଗାଡିଆ ଡମ୍ବରୁ , ପିଇଓ ନବ କିଶୋର ହନ୍ତାଳ , ଭାସ୍କର ଡାକୁଆ ପ୍ରମୁଖ ଫାଟୁସିନେରି ଗ୍ରାମ ଗସ୍ତ କରିଥିଲେ। ସେମାନେ ଏଠାରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଥିଲେ। ଆନ୍ଧ୍ରର କୁରୁକୁଟି ପଞ୍ଚାୟତର ଦୁଇ ସରପଞ୍ଚ ପ୍ରାର୍ଥୀ ହନ୍ତାଳ ଏଣ୍ଡାମା ଓ ଗେମେଲ ମୋହନ ରାଓ କୋଟିଆ ପଞ୍ଚାୟତର ତାଡିବାଲସା ଏବଂ ମୂଳା ତାଡିବାଲସା ଗ୍ରାମରେ ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ କୋରାପୁଟ ଜିଲା ପ୍ରଶାସନ କୋଟିଆ ପଞ୍ଚାୟତରେ ୧୩ ଏବଂ ୧୪ ତାରିଖରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରି ପଞ୍ଚାୟତବାସୀଙ୍କୁ ସଚେତନ କରିବାକୁ ଯୋଜନା କରିଛି। ପଞ୍ଚାୟତର ଫାଟୁସିନେରି , ଫଗୁଣସିନେରି ସମେତ ବିଭିନ୍ନ ଗ୍ରାମରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ପାଇଁ ଲୋକଙ୍କ ନିକଟକୁ ଖବର ପଠାଯାଇଛି ।

### ଛାତ୍ରୀଙ୍କୁ ପରୀକ୍ଷା ଦର୍ପଣ

ଜୟପୁର,୧୧।୨(ନି.ପ୍ର.)

ରାଜ୍ୟ ସରକାରଙ୍କ ପକ୍ଷରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦର୍ପଣ ଟେଷ୍ଟ ପେପର ମାଗଣାରେ ଛାତ୍ରୀମାନଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ରାଜ୍ୟରେ ୬ଲକ୍ଷ ୨୦ ହଜାର ୫୦୮ ଜଣ ପରୀକ୍ଷାର୍ଥୀଙ୍କୁ ଏହି ପରୀକ୍ଷା ଦର୍ପଣ ପ୍ରଦାନ ବ୍ୟବସ୍ଥା ହୋଇଛି। ଏହାକୁ ଫେବୃଆରୀ ୧୫ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

### ଓଡ଼ିଶା ବନ୍ଦ ଡାକରା ନେଇ କଂଗ୍ରେସର ପ୍ରସ୍ତୁତି

ଜୟପୁର,୧୧।୨(ନି.ପ୍ର.)

ଆସନ୍ତା ୧୫ରେ କଂଗ୍ରେସ ଓଡିଶା ବନ୍ଦ ଡାକରା ଦେଇଛି। ଏହାକୁ ସଫଳ କରିବାପାଇଁ କଂଗ୍ରେସ ଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଜିଲାର ସ୍ୱାର୍ଥ ପାଇଁ ସମସ୍ତେ ଏଥିରେ ସହଯୋଗ କରିବାକୁ କହିଛନ୍ତି। ୧୫ ତାରିଖ ସକାଳ ୭ଟାରୁ ଦିନ ୧ଟା ଯାଏ ବନ୍ଦ ଡାକରା ଦଳ ଦେଇଛି। ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ରହି କରୋନା ପରଠାରୁ ଲଗାତାର ଭାବେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଯୋଗୁ ବିଭିନ୍ନ ସାମଗ୍ରୀର ଦର ବଢୁଛି। ଏହା ଉଭୟ ମଧବିତ୍ତ ଓ ଗରିବ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କଲାଣି। ଏହାର ପ୍ରତିବାଦରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ ନାୟକ, ରାମ ପାଢୀ, ଶଶି ଭୂଷଣ ପାତ୍ର, ମଣି ପଟ୍ଟନାୟକ, ପୂର୍ବତନ ବିଧାୟକ କୈଳାସ କୁଲେସିକା,ସାଂସଦ ପ୍ରତିନିଧି ହସନ ମଦାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ନୂଆ ଜିଲାପାଳଙ୍କ କୋଟପାଡ଼ ଗସ୍ତ

କୋଟପାଡ଼,୧୧।୨(ଡ଼ି.ଏନ.ଏ.)– କୋରାପୁଟ ନୂଆ ଜିଲାପାଳ ଏମଡ଼ି ଆବଦୁଲ ଆକ୍ତର ଗୁରୁବର କୋଟପାଡ଼ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରି ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ଜିଲାପାଳ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଯାଇଥିଲେ। ପରିଷଦ ଅଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାର ତଦାରଖ କରିଥିଲେ। ପରେ ସେ ମିରଗାନ ସାହି ଗସ୍ତ କରି ହସ୍ତତନ୍ତ ସୋସାଇଟି କେନ୍ଦ୍ରରେ ବୁଣାକାର ମାନଙ୍କ ସହ ଆଲୋଚନା କରିଥିଲେ। ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକରଞ୍ଜନ ସାମନ୍ତରାୟ, ତହସିଲଦାର ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ବିଡ଼ିଓ ଦାଶରଥି ସରାବୁ, ସିଡ଼ିପିଓ ଗାୟତ୍ରୀ ବାହିନୀପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆନ୍ତଃ ରାଜ୍ୟ ରାତ୍ରିକାଳୀନ ଭଲିବଲ ଟୁର୍ନାମେଣ୍ଟ

**ରାୟଗଡ଼ା ଚାମ୍ପିୟନ**

ରାୟଗଡା ଅଫିସ/କୋଟପାଡ଼, ୧୧।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ରେ ୩ ଦିନ ଧରି ଟାଉନ କମିଟି ପକ୍ଷରୁ ହାଇସ୍କୁଲ ପଡିଆରେ ଚାଲିଥିବା ସ୍ୱର୍ଗତ ବାସୁଦେବ ବିଶୋୟୀ ଟ୍ରେଫି ହିଟ୍ଆନ୍ତଃରାଜ୍ୟ ରାତ୍ରିକାଳୀନ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ରାୟଗଡ଼ା ଓ କତାପେଟା ମଧରେ ହୋଇଥିଲା। ଏଥିରେ କତାପେଟାକୁ ୩–୦ ସେଟ୍‌ରେ ପରାସ୍ତକରି ରାୟଗଡ଼ା ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜକ କମିଟିର ସଭାପତି ଏମ୍ ଶଙ୍କର ରାଓ, ସମ୍ପାଦକ ଗଣେଶ ଚନ୍ଦ୍ର ପଣ୍ଡା, ଆଇନଜୀବୀ ମଣିପ୍ରସାଦ ପଟ୍ଟନାୟକ, ବାଳକୃଷ୍ଣ ବିଶୋୟୀ, କ୍ରୀଡ଼ାବିତ ସିତନାଥ ବିଶ୍ୱାଳ ଟୁର୍ନାମେଣ୍ଟ ପରିଚାଳନା କରୁଥିଲେ। ରେଫେରି ରୂପେ କୋରାପୁଟର କାମନା ରାଓ, କୃଷ୍ଣା ରାଓ, କୋଟପାଡ଼ର ପ୍ରଦୀପ ଗୌଡ଼ ଦାୟିତ୍ୱ ତୁଲାଇଥିଲେ।

# ନିଯୁକ୍ତିଭିତ୍ତିକ ଯୋଜନାରେ ଯୁବତୀଯୁବକଙ୍କୁ ନେଇ ତାଲିମ ଶିବିର

ସେମିଳିଗୁଡା,୧୧।୨(ସ୍ୱ.ପ୍ର.)



ଶିବିରରେ ଉପସ୍ଥିତ ଯୁବତୀଯୁବକ।

ଓର୍‌ମାସ ଦ୍ୱାରା ଆୟୋଜିତ ନିଯୁକ୍ତିଭିତ୍ତିକ ଯୋଜନାରେ ବେକାର ଯୁବତୀ ଯୁବକଙ୍କ ପାଇଁ ଏକ ତାଲିମ ଶିବିର ସେମିଳିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବାସନ୍ତୀ ଛେଦନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ୫ମରୁ ଊର୍ଦ୍ଧ୍ୱ ପାଠ ପଢ଼ିଥିବା ୧୮ ବର୍ଷରୁ ୩୫ ବର୍ଷର ଯୁବତୀଯୁବକଙ୍କୁ ଜଣେ କୁଶଳୀ କାରିଗର ହୋଇ ସ୍ୱରୋଜଗାରକ୍ଷମ ହେବା ଲାଗି ତାଲିମ ପ୍ରଦାନ କରାଯାଇଥିଲା। ସେମାନ କିପରି ରୋଜଗାରକ୍ଷମ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିବିରରେ ୩ଟି କମ୍ପାନୀ ସୁନାବେଡ଼ାର ଆସମାସ୍କ ଜୟପୁରର କ୍ୟୁସକର୍ପ ଲିମିଟେଡ୍ ଏବଂ ଭୁବନେଶ୍ୱରର ଅପଟାମାଇଜ କର୍ପୋରେଟ ସଲ୍ୟୁସନ ପ୍ରା.ଲି଼ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ସେମିଳିଗୁଡା ବିଡିଓ ସବ୍ୟସାଚୀ ବେହେରା, ଜିଲା ନିଯୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର ଉପସ୍ଥିତ ଥିଲେ। ପାକଖୋଲା ପଞ୍ଚାୟତର ଲକ୍ଷ୍ମଣ ପାଢ଼ୀ, ସମିତିସଭ୍ୟ ସଦାଶିବ ବାରିକଙ୍କ ସମେତ ୩୦୦ ଊର୍ଦ୍ଧ୍ୱ ଯୁବତୀଯୁବକ ଉପସ୍ଥିତ ଥିଲେ। ମାନସୀ ଭଦ୍ରା ଓ କରୁଣାକର ପରିଡା ଶିବିର ପରିଚାଳନା କରିଥିଲେ।

# ବାହାର ରାଜ୍ୟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାଇଘର, ୧୧।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛେଳିଡଙ୍ଗରି ପଞ୍ଚାୟତ ଚିତ୍ରକୋଟ ଗ୍ରାମର ହୀରାମନ ଗଣ୍ଡଙ୍କ ପୁଅ ନବି ଗଣ୍ଡ (୨୫) ତାମିଲନାଡୁର କାଞ୍ଚିପୁରମକୁ ଦାଦନ ଖଟିବାକୁ ଯାଇଥିଲେ। ରେଳଲାଇନ ଅତିକ୍ରମ କରିବା ସମୟରେ ଟ୍ରେନ୍ ଧକ୍କାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାମିଲନାଡୁରେ ଥିବା ତାଙ୍କ ସମ୍ପର୍କୀୟ ଭାଇ ସେଠାରେ ନବିଙ୍କର ଅନ୍ତିମ ସଂସ୍କାର କରିଥିଲେ। ଗାଁରେ ଏବେ ଶୋକାକୁଳ ପରିବେଶ। ଖବର ପାଇ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଗାଁରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଶ୍ରମ ବିଭାଗ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ରାଇଘର ବ୍ଲକରେ ଦାଦନ ସମସ୍ୟା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବା ବେଳେ ଏଠାକାର ଯୁବପିଢ଼ି ନାନା ସମସ୍ୟାରେ ଗତିକରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ ଦାଦନ ଚାଲାଣ ହ୍ରାସ ପାଉନାହିଁ। ରାଜ୍ୟ ସରକାର ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# ଏସ୍ଏସ୍‌ଡି ଅତିରିକ୍ତ ସଚିବଙ୍କ ନିକଟରେ ସାମାଜିକ ସଙ୍ଗଠନର ଅଭିଯୋଗ

କୁନ୍ଦୁରା,୧୧।୨ (ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ଉପକଣ୍ଠ କାଉଡିଆଗୁଡା ଆଦିବାସୀ ଉନ୍ନୟନ ବିଭାଗର ଆବାସିକ କନ୍ୟାଶ୍ରମ ଠାରେ ଦୀର୍ଘଦିନ ଧରି ଚାଲିଥିବା ଅବ୍ୟବସ୍ଥା ନେଇ କୋରାପୁଟ ଜିଲା କୁନ୍ଦୁରା ଗସ୍ତରେ ଆସିଥିବା ଏସ୍ଏସ୍‌ଡି ବିଭାଗ ଅତିରିକ୍ତ ସଚିବ ପ୍ରଦୀପ କୁମାର ବେହେରାଙ୍କୁ କେତେକ ସାମାଜିକ ସଙ୍ଗଠନ ଭେଟି ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ୪ ବର୍ଷ ତଳେ କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ଘଷର୍ଡା ଗ୍ରାମର ବନମାଳୀ ନାୟକଙ୍କ ଦୁଇ ଝିଅ କାଉଡିଆଗୁଡା କନ୍ୟାଶ୍ରମରେ ଅଧ୍ୟୟନ କରୁଥିବା ସମୟରେ ଅସୁସ୍ଥତା ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ତେବେ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ସେସମୟରେ ଦୁଇ ମୃତ ଛାତ୍ରୀଙ୍କ ମାଆବାପାଙ୍କୁ ଜିଲା ମଙ୍ଗଳ ଅଧିକାରୀ ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ ମଧ ଏଯାବତ୍ ସେମାନଙ୍କୁ କ୍ଷତି ପୂରଣ ମିଳିନାହିଁ। ଏଥିସହ କାଉଡିଆଗୁଡା ଏବଂ ଲିମାସ୍ଥିତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଙ୍କଠାରୁ ପ୍ରଧାନଶିକ୍ଷକ ପ୍ରି ମାଟ୍ରିକ ସ୍କଲାରଶିପ୍ ଟଙ୍କାରୁ ୧୦୦/୨୦୦ ଟଙ୍କା ଲେଖାଏ ପାଚେରି ନିର୍ମାଣ ଆଳରେ ଆଦାୟ କରିଥିବା ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ଅତିରିକ୍ତ ସଚିବ ବେହେରା କହିଛନ୍ତି ଯେ, ଅଭିଯୋଗ ସମ୍ପର୍କରେ ମୁଁ ଉଚ୍ଚ କର୍ତ୍ତୃପକ୍ଷ ତଥା ଏସ୍ଏସ୍‌ଡି ପ୍ରମୁଖ ସଚିବଙ୍କ ସହ କଥାବାର୍ତ୍ତା ହେବି। ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବି ବୋଲି କହିଥିଲେ।

# ଚିଟ୍‌ଫଣ୍ଡରେ ଟଙ୍କା ବାନ୍ଧି ଗ୍ରାମବାସୀ ହତାଶ

**ଏଜେଣ୍ଟଙ୍କ ନାଁରେ ଦେଲେ ଏତଲା**

ଚିତ୍ରକୋଣ୍ଡା,୧୧।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପାପରମେଟେଲା ପଞ୍ଚାୟତ କଦଳୀବନ୍ଧା ଗ୍ରାମବାସୀ ଚିଟ୍‌ଫଣ୍ଡରେ ଟଙ୍କା ବାନ୍ଧି ଠକେଇର ଶିକାର ହୋଇଛନ୍ତି। ଟଙ୍କା ଫେରି ପାଇବାର କୌଣସି ବିକଳ୍ପ ନ ଦେଖି ଶେଷରେ ପାପରମେଟେଲା ଥାନାର ଏଜେଣ୍ଟଙ୍କ ଉପରେ ଭରସା ରଖି ଟଙ୍କା ବାନ୍ଧୁଥିଲେ। ଏଥିରୁ କୌଣସି ସୁଫଳ ନ ପାଇବାରୁ ସେମାନେ ଏଜେଣ୍ଟ ପୀତାମ୍ବର ଖେମୁଡୁଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ମାତ୍ର ଏଜେଣ୍ଟ ଖେମୁଡୁ କିଛି ଶୁଣି ନ ଥିଲେ। ଶେଷରେ ଟଙ୍କା ଫେରିପାଇବା ଆଶା ନ ଦେଖି ସେମାନେ ଥାନାର ଦ୍ୱାରସ୍ଥ ହୋଇ ଏଜେଣ୍ଟଙ୍କ ନାମରେ ଏତଲା ଦେଇଛନ୍ତି। ଗ୍ରାମବାସୀ ସନ୍‌ସାଇନ ଓ ପିଏସିଏଲ୍ ଇଣ୍ଡିଆ ଲିମିଟେଡ୍ ନାମକ କମ୍ପାନୀ ସହ ଏଜେଣ୍ଟ ପୀତାମ୍ବର ଖେମୁଡୁଙ୍କ ନାମରେ ଏତଲା ଦେଇଛନ୍ତି। ପୀତାମ୍ବର ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ଟଙ୍କା ଆଣି ଚିଟ୍‌ଫଣ୍ଡରେ ଲଗାଇଥିଲେ। କେବଳ କଦଳୀବନ୍ଧା ନୁହେଁ ଆଖପାଖ ପଞ୍ଚାୟତର ବହୁ ଲୋକ ତାଙ୍କ ଦ୍ୱାରା ଚିଟ୍‌ଫଣ୍ଡରେ ଟଙ୍କା ବିନିଯୋଗ କରିଥିଲେ। କଦଳୀବନ୍ଧା ଗ୍ରାମର ଲେକୁ ଖିଲ, ଏରାନା ଖିଲ,ସନୁ ହାନ୍ତାଳ, ଲେସେ ହନ୍ତାଳଙ୍କ ସମେତ ଅନ୍ୟମାନେ ଆଉ ଟଙ୍କା ଫେରିପାଇବା ଆଶା ନ ଦେଖି ପାପରମେଟେଲା ଥାନାରେ ପୀତାମ୍ବର ଓ କମ୍ପାନୀ ନାମରେ ଲୋକ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପାପରମେଟେଲା ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମୁଦୁଲିଙ୍କୁ ଫୋନ ଯୋଗେ ପଚାରିବାରୁ ସେ କହିଲେ,ଲୋକେ ଅଭିଯୋଗ କରିଛନ୍ତି। ଏତଲା ପଞ୍ଜୀକୃତ ହୋଇଛି। ନିରପେକ୍ଷ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନିଆଯିବ। ପୀତାମ୍ବରଙ୍କୁ ଏ ସମ୍ପର୍କରେ ପଚାରିବାକୁ ତାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନାହିଁ । ସୂଚନାଯୋଗ୍ୟ, କିଛିଦିନ ତଳେ ପୀତାମ୍ବର କେତେଜଣ ଲୋକଙ୍କୁ ସାଙ୍ଗରେ ଆଣି କଦଳୀବନ୍ଧା ଗ୍ରାମରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର କାଢ଼ି ନେଇଥିଲେ। ଏହା ମଧ ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଯୁବପିଢ଼ିଙ୍କୁ ପୌର, ପଞ୍ଚାୟତ ନିର୍ବାଚନ ଦାୟିତ୍ୱ

**ବିଜେଡି ଯୁବ ଛାତ୍ର ଜନତା ଜିଲା ସମ୍ମିଳନୀ**

ମାଲକାନଗିରି,୧୧।୨ (ଡିଏନ୍,ଏ)



ଯୁବ ସମ୍ମିଳନୀରେ ଉପସ୍ଥିତ ଯୁବତୀଯୁବକ।

ମାଲକାନଗିରି ଜିଲା ସଦର ମହକୁମା ଡିଏନକେ ଖେଳ ପଡିଆଠାରେ ଗୁରୁବାର ମାଲକାନଗିରି ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳର ଏକ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ପର୍ଯ୍ୟବେକ୍ଷକ ତଥା କଟକ ବିଧାୟକ ଚନ୍ଦ୍ର ସାରଥୀ ବେହେରା, ରାଜ୍ୟ ଯୁବ ଜନତା ଦଳର ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ , ରାଜ୍ୟ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପଣବ ବଳବନ୍ତରାୟ, ରାଜ୍ୟ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ଅଭିନାଶ ଠାକୁର, ଭଦ୍ରକ ବିଧାୟକ ସଞ୍ଜୀବ୍ ମଲିକ, ଜିଲା ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ବାକା, ଯୁବ ବିଜୁ ଜନତା ଦଳ ସଭାପତି ଆଡମା ରାବା, ଛାତ୍ର ଜନତା ଦଳ ସଭାପତି ତାପସ ନାୟକ , ପୂର୍ବତନ ବିଧାୟକ ମାନସ ମାଡକାମି, ମୁକୁନ୍ଦ ସୋଡି, କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା, ପ୍ରଭାକର ପ୍ରଧାନ, ବଂଶୀଧର ମୁଦୁଲି, ପ୍ରୀତପଲ ସିଂଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବିଜୁ ଜନତା ଦଳ ତାର ୨୦ ବର୍ଷ ଶାସନରେ ମାଲକାନଗିରି ଜିଲାର ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛି। ଆଗାମୀ ଦିନରେ ଏହି ଜିଲାକୁ ଏକ ସର୍ବଶ୍ରେଷ୍ଠ ଜିଲାରେ ପରିଣତ କରିବା ପାଇଁ ବିଜୁ ଜନତା ଦଳ ସରକାର ସଂକଳ୍ପବଦ୍ଧ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଆଗାମୀ ପୌର ପରିଷଦ ଏବଂ ପଞ୍ଚାୟତ ନିର୍ବାଚନରେ ଦଳକୁ ଜିତାଇବା ସମସ୍ତ କର୍ମକର୍ତ୍ତା ଏବଂ କର୍ମୀ ଏକଜୁଟ ହୁଅନ୍ତୁ। ଏହି ଗୁରୁଦାୟିତ୍ୱ ଛାତ୍ର ଓ ଯୁବକମାନେ ନିଅନ୍ତୁ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ମାଲକାନଗିରି ଜିଲାରେ ପ୍ରିମିୟମ ଲିଗ୍ ମ୍ୟାଚ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ କ୍ରିକେଟ୍ ଓ ଭଲିବଲ୍ ପ୍ରତିଯୋଗିତା ଗୁରୁବାର ଶୁଭାରମ୍ଭ ହୋଇଥିଲା। ଏହାଦ୍ୱାରା ଜିଲାର ପ୍ରତିଭାବାନ୍ କ୍ରୀଡାବିତ୍ ଲୋକଲୋଚନକୁ ଆସିବେ। ରାଜ୍ୟ ଓ ଜାତୀୟ ସ୍ତରରେ ସେମାନଙ୍କୁ ଖେଳିବାର ସୁଯୋଗ ମିଳିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଯୁବନେତା ବଂଶୀଧର ମୁଦୁଲି, ଯୁବ ଜନତା ଦଳ ସଭାପତି ଆଡମା ରାବା, ଛାତ୍ର ଜନତା ଦଳ ସଭାପତି ତାପସ ନାୟକ, କା ର୍ଯ୍ୟକାରୀ ସମ୍ପାଦକ ନୃସିଂହ ଚରଣ ମହାନ୍ତି ପରିଚାଳନା କରିଥିଲେ ।

